# କଟକ ମହାନଗର ନିଗମ ୯ମ ସାଧାରଣ ବୈଠକ ବିବରଣୀ

**ତା. ୩୧.୦୧.୨୦୧୫ ରିଖ , ସମୟ : ପୂର୍ବାହ୍ନ - ୧୦.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୩୧.୦୧.୨୦୧୫ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ କଟକ ମହାନଗର ନିଗମର ୯ମ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ଅନିତା ବେହେରା ସଭାପତିତ୍ୱ କରିଥିଲେ ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୩. | ସୁଶ୍ରୀ ସେବତୀ ମାଝୀ, | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୪. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୫. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୬. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୭. | ଶ୍ରୀଯୁକ୍ତା ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୮. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୯. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୦. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୧. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୨. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୩. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୪. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୫. | ଶ୍ରୀଯୁକ୍ତା ଉଷାରାଣୀ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୫ |
| ୧୬. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୭. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୮. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୯. | ସୁଶ୍ରୀ ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୨୦. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୧. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୨. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୩. | ଶ୍ରୀଯୁକ୍ତା ପାରୁଲ ଜୟସାଲ, | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୪. | ଶ୍ରୀଯୁକ୍ତା କାଂଚନ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୫. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୬. | ଶ୍ରୀଯୁକ୍ତା ବୈଶାଳୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୨୮ |

| | | |
|---|---|---|
| ୨୭. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୨୮. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୨୯. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୦. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୧. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୨. | ଶ୍ରୀଯୁକ୍ତା ନମିତା ମଞ୍ଜରୀ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୩. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୪. | ଶ୍ରୀଯକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୩୭ |
| ୩୫. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୬. | ଶ୍ରୀଯୁକ୍ତା ସୁଲୋଚନା ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୭. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୩୮. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୩୯. | ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୪୦. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୧. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ, | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୨. | ଶ୍ରୀଯୁକ୍ତା ମିନାକ୍ଷୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୫ |
| ୪୩. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୪. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| **୪୫.** | **ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା,** | **କର୍ପୋରେଟର, ୱାର୍ଡ଼ ନଂ. – ୪୮** |
| **୪୬.** | **ଶ୍ରୀଯୁକ୍ତ ଦୟାନିଧି ନାୟକ,** | **କର୍ପୋରେଟର, ୱାର୍ଡ଼ ନଂ. – ୪୯** |
| ୪୭. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୮. | ଶ୍ରୀଯୁକ୍ତା ମମତା ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୪୯. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୦. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. –୫୩ |
| ୫୧. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୨. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୩. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୪. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |
| ୫୫. | ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ, | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୬. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ | ଅତିରିକ୍ତ ଆୟୁକ୍ତ |
| ୨. | ଶ୍ରୀଯୁକ୍ତ ରାଧାକୃଷ୍ଣ ରାଉତ | ଉପ ଆୟୁକ୍ତ |
| ୩. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୪. | ଶ୍ରୀଯୁକ୍ତ ଲଳିତ ମୋହନ ଦାସ | ନିର୍ବାହୀ ଯନ୍ତ୍ରୀ -୨ |
| ୫. | ଶ୍ରୀଯୁକ୍ତ ରମାକାନ୍ତ ନନ୍ଦ | ବିତ ଅଧିକାରୀ |
| ୬. | ଶ୍ରୀଯୁକ୍ତ ଲକ୍ଷ୍ମୀଧର ନାଥ | ସେକ୍ରେଟାରୀ |

| | | |
|---|---|---|
| ୭. | ଶ୍ରୀଯୁକ୍ତ ବିଜୟ କୁମାର ଦାଶ | ରିକଭରୀ ଅଫିସର |
| ୮. | ଶ୍ରୀଯୁକ୍ତ ନର୍ମଳ ଚନ୍ଦ୍ର ନାୟକ | ଉପ ସଚିବ |
| ୯. | ଡ଼ଃ ବିଭୁ ପ୍ରସାଦ ମିଶ୍ର | ନଗର ସ୍ୱାସ୍ଥ୍ୟ ଅଧିକାରୀ |
| ୧୦. | ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୧. | ଶ୍ରୀଯୁକ୍ତ ସୌମେନ୍ଦ୍ର କୁମାର ପଟ୍ଟନାୟକ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୨. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୩. | ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୪. | ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର | ସହକାରୀ ନିର୍ବାହୀ ଯନ୍ତ୍ରୀ |
| ୧୫. | ଶ୍ରୀମତୀ ପୁଷ୍ପାରାଣୀ ଟପୋ | ମୁଖ୍ୟ ସମିକ୍ଷକ |
| ୧୬. | ଶ୍ରୀଯୁକ୍ତ ସରୋଜ କୁମାର ବାରିକ | ପରିସଂଖ୍ୟାନ ସହାୟକ |

ଏହି ବୈଠକରେ ମାନ୍ୟବର ବାରବାଟୀ କଟକ ବିଧାନସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଆକୁଳାନନ୍ଦ ମନ୍ତ୍ରୀ, ମାନ୍ୟବର ଚୌଦ୍ୱାର କଟକ ବିଧାନସଭା ସଦସ୍ୟଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ ଏବଂ କଟକ ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ବିଶ୍ୱଜିତ୍ ଦାସ ଉପସ୍ଥିତ ଥିଲେ ।

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ସମସ୍ତ କର୍ପୋରେଟର, ବିଧାନସଭା ତଥା ଲୋକସଭା ସଦସ୍ୟଙ୍କ ପ୍ରତିନିଧି, ନିଗମର ସମସ୍ତ ଅଧିକାରୀ ମାନଙ୍କୁ ଅଭିନନ୍ଦନ ଜ୍ଞାପନ କରି ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିବାକୁ ସ୍ୱାଗତ କରିଥିଲେ । ସ୍ମାର୍ଟ ସିଟି ନିମନ୍ତେ ଆୟୋଜିତ କର୍ମଶାଳାରେ ଯୋଗଦେବା ନିମନ୍ତେ କମିଶନର ଦିଲ୍ଲୀ ଗସ୍ତରେ ଯାଇଥିବାରୁ, ବୈଠକରେ ଅତିରିକ୍ତ କମିଶନର ଶ୍ରୀ ବିଶ୍ୱନାଥ ସାହୁଙ୍କୁ କମିଶନରଙ୍କ ଦାୟୀତ୍ୱ ନିର୍ବାହ କରିବାକୁ ଅନୁରୋଧ ମଧ କରିଥିଲେ । ସେ ମଧ ବୈଠକରେ ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା ସମ୍ପୃକ୍ତ ୱାର୍ଡ଼ର ସମସ୍ୟା ତଥା ପ୍ରସ୍ତାବ ଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯିବାକୁ ଅନୁରୋଧ କରିଥିଲେ ଏବଂ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ଆଗତ ପ୍ରସ୍ତାବ ଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ପାରିତ କରାଯିବାକୁ ମଧ ଅନୁରୋଧ କରିଥିଲେ ।

ବିଭିନ୍ନ ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା କରାଯାଇଥିବା ଆଲୋଚନା ଓ ପ୍ରାପ୍ତ ହୋଇଥିବା ପ୍ରସ୍ତାବ:

**ଶ୍ରୀଯୁକ୍ତ ବିଜୟ ଦଳେଇ, କର୍ପୋରେଟର, ୱାର୍ଡ଼ ନଂ-୧୧ :**

- ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ପୂର୍ବରୁ, କଟକ ସହରର ସମସ୍ତ ଅଂଚଳରେ ମଶାର ପାର୍ଦୁଭାବ ବୃଦ୍ଧି ପାଇ ଜନ ଅସନ୍ତୋଷ ପ୍ରକାଶ ପାଉଥିବାରୁ, ଏହାର ନିରାକରଣ ନିମନ୍ତେ ସ୍ୱତନ୍ତ୍ର ଆଲୋଚନା କରାଯାଇ, ଉପଯୁକ୍ତ ପ୍ରତିକାରର ପନ୍ଥା ନିର୍ଦ୍ଧାରଣ କରାଯିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯଥାଶିଘ୍ର ବଦଳୀ କରାଯାଇ ତାଙ୍କ ସ୍ଥାନରେ ଜଣେ ଦକ୍ଷ ତଥା ଅଭିଜ୍ଞ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିୟୋଜନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀମତୀ ଗିରିବାଳା ବେହେରା , କର୍ପୋରେଟର, ୱାର୍ଡ଼ ନଂ-୦୪ :**

- ବର୍ତମାନ ସମୟରେ କଟକ ସହରର ବିଭିନ୍ନ ଅଂଚଳରେ ମଶା ଏକ ମୁଖ୍ୟ ସମସ୍ୟା ହୋଇଥିବାରୁ ଏବଂ ଏହାର ନିୟନ୍ତ୍ରଣ ନିମନ୍ତେ ନିଗମ କର୍ତୃପକ୍ଷ ବିଫଳ ହୋଇଥିବାରୁ, ବାରମ୍ବାର ଜନ ଅସନ୍ତୋଷ ବୃଦ୍ଧି ସହ ଗଣ ମାଧମ ମାନଙ୍କ ଦ୍ୱାରା ନିଗମ ସମାଲୋଚନାର ଶୀକାର ହେଉଥିବା ପ୍ରକାଶ କରିଥିଲେ ।
- ନିଗମର ବିଭିନ୍ନ ଅଂଚଳରୁ ନିର୍ଦ୍ଧାରିତ ସମୟରେ ନିୟମିତ ଅଳିଆ ଆବର୍ଜନା ଉଠାନଯିବା, ଠିକ୍ ସମୟରେ ନାଳ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ କରାନଯିବା, ନାଳ ନର୍ଦ୍ଦମା ମାନଙ୍କରେ ମଶାତେଲ ପକାନଯିବା ଏବଂ ବ୍ୟବହୃତ ଟିଫା ମେସିନ ଗୁଡ଼ିକ ବାରମ୍ବାର ଅଚଳ ହେଉଥିବାର ଅଭିଯୋଗ କରାଯାଉଥିଲେ ମଧ ଏହି ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ କୌଣସି ପ୍ରତିକାରର ବ୍ୟବସ୍ଥା କରାଯାଉନଥିବାର ଅଭିଯୋଗ କରିଥିଲେ ।
- କାଉନସିଲ ବୈଠକରେ ବିଭିନ୍ନ ସମୟରେ ବିଭିନ୍ନ ନିଷ୍ପତି ଗ୍ରହଣ କରାଯାଉଥିଲେ ମଧ, ଏ ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧରେ କାର୍ଯ୍ୟକାରୀ କରାଯିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାର ଅଭିଯୋଗ ମଧ କରିଥିଲେ ।

କଟକ ସହରର ଜନସାଧାରଣ ମାନଙ୍କର ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ନିଗମରେ କର୍ତ୍ତୃପକ୍ଷ ବାରମ୍ବାର ବିଫଳ ହେଉଥିବାର ଅଭିଯୋଗ କରି, କାଉନସିଲ ମୁଖ୍ୟ ବିରୋଧି କଂଗ୍ରେସ ଦଳର ସମସ୍ତ ସଦସ୍ୟ / ସଦସ୍ୟା ମାନେ ପ୍ରତିବାଦ କରି ସମ୍ମିଳନୀ କକ୍ଷ ବର୍ଜନ କରିଥିଲେ ।

**ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା, ଅଧ୍ୟକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :**

- କଟକ ସହରର ଜନସାଧାରଣଙ୍କର ବିଭିନ୍ନ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନିମନ୍ତେ ସମସ୍ତଙ୍କ ମିଳିତ ସହଯୋଗରେ ଆବଶ୍ୟକତା ରହିଥିବାରୁ, ଏଥିପାଇଁ ନିର୍ଦ୍ଦିଷ୍ଟ ଭାବେ ବୈଠକରେ ଆଲୋଚନା ନକରି ପ୍ରତିବାଦରେ ବିରୋଧି ଦଳଙ୍କ ସମ୍ମିଳନୀ କକ୍ଷ ତ୍ୟାଗ କରିବା ପରିସ୍ଥିତିକୁ ସମାଲୋଚନା କରିଥିଲେ ।
- କଟକ ସହରର ଏକ ବହୁ ପୁରାତନ ସାଂସ୍କୃତିକ ସହର ହୋଇଥିବାରୁ, ଏହି ସହରର ବିଭିନ୍ନ ସମସ୍ୟା ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇ ଅଗ୍ରାଧିକାର ଭିତିରେ କାଉନସିଲର ଅନୁମୋଦନ କ୍ରମେ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ଅନୁଦାନ ପ୍ରାପ୍ତ ହେଉଥିବାରୁ, ପର୍ଯ୍ୟାୟ କ୍ରମେ ଏ ଗୁଡ଼ିକ କାର୍ଯ୍ୟକାରୀ କରାଯିବା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଥିଲେ ।
- କଟକ ସହରର ମଶା ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଅଧିନରେ ରହିଥିବା ବୈଷୟିକ କମିଟିର ପରାମର୍ଶ କ୍ରମେ ଉନ୍ନତ ମାନର ମଶାତେଲ ସଂଗ୍ରହଣ କରାଯିବା ସହ, କମିଟିର ସୁପାରିଶ ଅନୁଯାୟୀ ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଯଥାଶିଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ସେ ମଧ ପ୍ରସ୍ତାବ ଆଗତ କରିଥିଲେ ।
- ବର୍ତମାନ କଟକ ସହରର ବିଭିନ୍ନ ସ୍ଥାନରେ ଜାଇକା ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଅବରୋଧ କରାଯାଇଥିବା ଡ୍ରେନ ଗୁଡ଼ିକର ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ସହ, ବିଭିନ୍ନ ଡ୍ରେନକୁ ସୋକପିଟ୍ ଟାଙ୍କି ଗୁଡ଼ିକର ସଂଯୋଗକୁ ବନ୍ଦ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ । ଯଥାଶିଘ୍ର ଏମ୍.ଏଲ୍. ଅଏଲ ସଂଗ୍ରହଣ କରାଯାଇ, ପ୍ରତ୍ୟେକ ୱାର୍ଡ଼ ମଧରେ ଏହାର ଉପଯୋଗ କରାଯିବାକୁ ମଧ ମତ ଦେଇଥିଲେ । ସେ ମଧ ନିଗମ ଅଂଚଳରେ ରହିଥିବା ସମସ୍ତ ଝିଲ୍ ଗୁଡ଼ିକ ଚିହ୍ନଟ କରାଯାଇ ମଶାତେଲ ପକାଯିବାର ବ୍ୟବସ୍ଥା ଏବଂ ପ୍ରତ୍ୟେକ ଗୃହରେ ପୂର୍ବପରି ସଲଫା ପି.ଡ଼ି. ସ୍ପ୍ରେ କରାଯିବା ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ ।
- ମଶା ସମସ୍ୟାର ସମାଧାନ ଦିଗରେ ଯଥାଶିଘ୍ର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ କରାଯିବା ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମାନ୍ୟବର ମେୟର ତଥା ଡ଼େପୁଟି ମେୟରଙ୍କ ବ୍ୟକ୍ତିଗତ ଉଦ୍ୟମରେ ସମସ୍ତ କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ କରାଯିବାକୁ ସେ ମଧ ଦୃଷ୍ଟି ଆକର୍ଷଣ କରିଥିଲେ ।
- ବିଭିନ୍ନ ୱାର୍ଡ଼ ମାନଙ୍କରେ ସ୍ୱାସ୍ଥ୍ୟ ଏବଂ ପରିମଳ ବ୍ୟବସ୍ଥାରେ ବହୁ ଅବହେଳା ପଦର୍ଶନ କରାଯାଉଥିବାର ଅଭିଯୋଗ ପ୍ରାପ୍ତ ହେଉଥିବାରୁ, ଯଥାଶିଘ୍ର ଏହି କାର୍ଯ୍ୟ ଗୁଡ଼ିକର ତ୍ୱରାନ୍ୱିତ ଉଦ୍ଦେଶ୍ୟରେ ନିଗମ ନିମନ୍ତେ ଏକ ଦକ୍ଷ ତଥା ଅଭିଜ୍ଞ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିୟୋଜନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ, ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୫୨ :**

- କାଉନସିଲ ବୈଠକରେ ଦଳମତ ନିର୍ବିଶେଷରେ ସକାରାତ୍ମକ ଭାବେ ଆଲୋଚନା କରାଯାଇ, ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନର ପନ୍ଥା ନିର୍ଦ୍ଧାରଣ କରାଯିବା ପରିବର୍ତେ ପ୍ରତିବାଦ ସ୍ୱରୂପ ବୈଠକ ବର୍ଜନ କରାଯିବାକୁ ସେ ନିନ୍ଦା କରିଥିଲେ । ଐତିହାସିକ କଟକ ସହରର ସାମଗ୍ରିକ ଉନ୍ନତି ନିମନ୍ତେ ସମସ୍ତଙ୍କ ଉଦ୍ୟମ ଏବଂ ପ୍ରୟାସର ଆବଶ୍ୟକତା ରହିଥିବାରୁ, ନିର୍ବାଚିତ ଲୋକ ପ୍ରତିନିଧି ମାନେ ଏ ଦିଗରେ ଯତ୍ନବାନ ହୋଇ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ ।
- ନିକଟରେ ରାଜ୍ୟର ବିଭିନ୍ନ ULB ମାନଙ୍କର ନିର୍ବାଚିତ ନଗରପାଳିକା ସମ୍ମିଳନୀର ଆଲୋଚନା କରାଯାଇଥିବା ପ୍ରସଙ୍ଗ ଗୁଡ଼ିକ ପ୍ରତି ଦୃଷ୍ଟି ଆକର୍ଷଣ କରି, ଏ ସମ୍ପର୍କରେ ସମସ୍ତ ସଦସ୍ୟ ତଥା ସଦସ୍ୟା ମାନଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମର ନିର୍ବାଚିତ ସମସ୍ତ ଲୋକପ୍ରତିନିଧି ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ମାସିକ ଭତାର ବ୍ୟବସ୍ଥା ତଥା ପେନସନ ଯୋଜନା ଲାଗୁ କରାଯିବା ନିମନ୍ତେ, ରାଜ୍ୟ ସରକାରଙ୍କୁ ଉପଯୁକ୍ତ ପ୍ରସ୍ତାବ ପଠାଯିବାକୁ ସେ ମତ ଦେଇଥିଲେ ।
- ବିଭିନ୍ନ ୱାର୍ଡ଼ ମାନଙ୍କରେ ଜରୁରୀ କାଳୀନ ପରିସ୍ଥିତିରେ ଆବଶ୍ୟକ ହେଉଥିବା କାର୍ଯ୍ୟ ନିମନ୍ତେ ନିର୍ଦ୍ଦିଷ୍ଟ ଭାବେ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରାଯାଇ, ସମ୍ପୃକ୍ତ କର୍ପୋରେଟର ମାନଙ୍କ ସୁପାରିଶରେ ଏହି ପାଣ୍ଠିର ବିନିଯୋଗ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

- ସେ ମଧ୍ୟ ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ମାଧ୍ୟମରେ, କଟକ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାନସଭାରେ ଉପସ୍ଥାପନ କରାଯାଇ, ଏ ଗୁଡ଼ିକର ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ।
- କଟକ ସହରର ସ୍ୱାଭିମାନକୁ ଅବହେଳା ପ୍ରଦର୍ଶନ କରାଯାଇ ବହୁ ପୁରାତନ ଶୈଳବାଲା ମହିଳା ବିଦ୍ୟାଳୟକୁ, ସ୍ୱୟଂଶାସିତ ମହାବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇନଥିବାରୁ, ଏ ଦିଗରେ ରାଜ୍ୟ ସରକାରଙ୍କ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ ।
- କଟକ ସହରକୁ ସ୍ମାର୍ଟ ସିଟି ର ମାନ୍ୟତା ପ୍ରଦାନ ନିମନ୍ତେ ଉଦ୍ୟମ କରାଯାଉଥିବା ଦୃଷ୍ଟିରୁ, ନିଗମ ଅଂଚଳରେ ଅନେକ ସ୍ଥାନରେ ରହିଥିବା କଚ୍ଚା ରାସ୍ତା ଗୁଡ଼ିକର ସାମୁହିକ ଉନ୍ନୟନ କାର୍ଯ୍ୟ ନିମନ୍ତେ ଦୃଷ୍ଟି ଦେବାକୁ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ନଂ-୨୨ ରେ ରହିଥିବା ଭଗତ ହଷ୍ଟେଲ କୁ ଜବର ଦଖଲ ମୁକ୍ତ କରାଯାଇ, ଯଥାଶିଘ୍ର ଏହାର ପୁର୍ନରୁଦ୍ଧାର କାର୍ଯ୍ୟ ସହ, ଏହି ଗୃହର ସୁବିନିଯୋଗ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- କାଉନସିଲର ବିଭିନ୍ନ ସମୟରେ ଗ୍ରହଣ କରାଯାଇଥିବା ନିଷ୍ପତି ଗୁଡ଼ିକର କାର୍ଯ୍ୟକାରୀ ପାଇଁ ସମିକ୍ଷା ନିମନ୍ତେ, ଏକ ସ୍ୱତନ୍ତ୍ର ବୈଠକ ଡ଼କାଯିବାକୁ ସେ ମଧ୍ୟ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ବିଭିନ୍ନ ୱାର୍ଡ଼ ମାନଙ୍କରେ ନୂତନ ପ୍ରକଳ୍ପ କାର୍ଯ୍ୟ ତଥା ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ବାରମ୍ବାର ଅଭିଯୋଗ ଗୁଡ଼ିକ ପ୍ରାପ୍ତ ହେଉଥିବାରୁ. ବିଭିନ୍ନ ଯୋଜନାରେ ପ୍ରାପ୍ତ ପାଣ୍ଠିର ସୁବିନିଯୋଗ କରାଯାଇ, ଯଥାଶିଘ୍ର ଅନୁମୋଦିତ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ ଆରମ୍ଭ କରାଯିବାକୁ ପସ୍ତାବ ଦେଇଥିଲେ ।
- ବିଭିନ୍ନ ୱାର୍ଡ଼ର ଆବଶ୍ୟକତାକୁ ଅନୁଧାନ କରାଯାଇ ନୂତନ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ନିମନ୍ତେ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମର ନିଜସ୍ୱ ଏକ କର୍ପୋରେସନ ଭବନ ଏବଂ କର୍ପୋରେସନ ହସ୍‌ପିଟାଲ ନିର୍ମାଣ ନିମନ୍ତେ ଉପଯୁକ୍ତ DPR ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ଠାରୁ ଅନୁଦାନ ପ୍ରାପ୍ତ ନିମନ୍ତେ ପ୍ରସ୍ତାବ ତଥା ଆଗାମୀ ବର୍ଷର ବଜେଟ ମଧ୍ୟରେ ଏଥିପାଇଁ ପାଣ୍ଠିର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ ।
- ପ୍ରତ୍ୟେକ ୱାର୍ଡ଼ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ୱାର୍ଡ଼ ୱାରୀ ୨ କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରାଯିବା ସହ, ନିଗମର ବର୍ତମାନର ପରିସୀମାକୁ ବୃଦ୍ଧି କରାଯିବା ନିମନ୍ତେ ପାର୍ଶ୍ୱବର୍ତି ଅଂଚଳ ଗୁଡ଼ିକ ନିଗମ ଅଂଚଳ ମଧ୍ୟରେ ଅର୍ନ୍ତଭୂକ୍ତ କରାଯିବାକୁ, ରାଜ୍ୟ ରକାରଙ୍କୁ ସୁପାରିଶ କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।
- ସେ ମଧ୍ୟ ନିଗମର କର୍ପୋରେଟର ମାନଙ୍କ ନିମନ୍ତେ Health Insurance Scheme ର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- କର୍ପୋରେଟର ମାନଙ୍କ ନିମନ୍ତେ ବାର୍ଷିକ ୫୦୦୦ ଟଙ୍କା Sitting Allowance ଏବଂ ମାସିକ ୩୦୦୦ ଟଙ୍କା ଭତା ପ୍ରଦାନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମର ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ Ward Office ନିର୍ମାଣ କରାଯାଇ ସମ୍ପୃକ୍ତ ୱାର୍ଡ଼ର କ୍ଷେତ୍ର କର୍ମଚାରୀ ମାନଙ୍କୁ ଏଠାରେ କାର୍ଯ୍ୟକରିବାର ସୁଯୋଗ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ୍ୟ ଏହି Ward Office ମାଧ୍ୟମରେ ସ୍ଥାନୀୟ ଅଂଚଳର ଲୋକମାନଙ୍କର ବିଭିନ୍ନ ସମସ୍ୟା ତଥା ଅଭିଯୋଗ ଗୁଡ଼ିକ ପ୍ରାପ୍ତ କରାଯିବାକୁ ପରାମର୍ଶ ଦେଇଥିଲେ ।
- ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ଉପଯୁକ୍ତ ସରକାରୀ ଜମି ଚିହ୍ନଟ କରାଯାଇ, ସେଠାରେ ଖେଳ ପଡ଼ିଆ ତଥା ଶିଶୁ ଉଦ୍ୟାନ ନିର୍ମାଣର ବ୍ୟବସ୍ଥା ସହ ପତିତ ସରକାରୀ ଜମି ଗୁଡ଼ିକରେ ବ୍ୟାପକ ବୃକ୍ଷ ରୋପଣ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ରଞ୍ଜିତା ବିଶ୍ୱାଳ, କର୍ପୋରେଟର, ୱାର୍ଡ଼ ନଂ-୦୭ :**

- ୱାର୍ଡ଼ର ଷ୍ଟେଟ ବ୍ୟାଙ୍କ କଡ଼ରେ ଏକ ୧୦ ଫୁଟର ମାଟି ରାସ୍ତା ରହି ବର୍ଷାଜଳ ନିଷ୍କାସନରେ ବହୁ ବାଧାସୃଷ୍ଟି ହେଉଥିବାରୁ, ଏହି ରାସ୍ତାକୁ ପକ୍କା ରାସ୍ତା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ କର୍ପୋରେଟର ୱାର୍ଡ଼ ନଂ-୦୧ଙ୍କ ଦୀର୍ଘ ଦିନର ଅନୁପସ୍ଥିତିରେ ଉକ୍ତ ୱାର୍ଡ଼ର ଜନସାଧାରଣ ମାନେ ସମସ୍ତ ମୌଳିକ ସୁବିଧାରୁ ବଂଚିତ ହେଉଥିବାର ଅଭିଯୋଗ କରି, ଏହି ୱାର୍ଡ଼ର ସମସ୍ତ ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଧ୍ୟାନ ଦିଆଯାଇ ସ୍ୱତନ୍ତ୍ର ଭାବେ ୱାର୍ଡ଼ର ଉନ୍ନୟନ କାର୍ଯ୍ୟ ଗୁଡ଼ିକର ତଦାରକ ନିମନ୍ତେ ଦାୟିତ୍ୱ ଅର୍ପଣ କରାଯିବାକୁ, ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୧ ନମ୍ବର ୱାର୍ଡ଼ର ବସ୍ତି ଅଂଚଳର ଲୋକମାନଙ୍କ ନିମନ୍ତେ ନୂତନ ଭତା ମଞ୍ଜୁର ତଥା ହରିଶ୍ଚନ୍ଦ୍ର ଯୋଜନାରେ ଉପକୃତ ହେବା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯିବା ନିମନ୍ତେ ସେ ମଧ ପ୍ରସ୍ତାବ ଦେଥିଲେ ।

୧ ନମ୍ବର ୱାର୍ଡ଼ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ ଏବଂ ସ୍ପଷ୍ଟିକରଣ ପ୍ରଦାନ କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା ପରାମର୍ଶ ଦେଇଥିଲେ । ସେ ମଧ ମାନ୍ୟବର ମେୟର, ଡ଼େପୁଟି ମେୟର ଏବଂ କମିଶନରଙ୍କ ତତ୍ୱାବଧାନରେ ଏକ କମିଟି ଗଠନ କରାଯାଇ, ୧ ନମ୍ବର ୱାର୍ଡ଼ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ଏବଂ ଏ ସମ୍ପର୍କରେ ସ୍ଥାନୀୟ ବିଧାୟକଙ୍କ ପରାମର୍ଶ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୱାର୍ଡ଼ର ମୁଖ୍ୟ ସମସ୍ୟା ପରିମଳ ଓ ସଫାଇ ବ୍ୟବସ୍ଥା ବୈଦ୍ୟୁତିକ ଆଲୋକ ତଥା ନାଳ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ନିମନ୍ତେ ସେ ମଧ ପରାମର୍ଶ ଦେଇଥିଲେ । ମାନ୍ୟବର ମେୟର ଏବଂ ଡ଼େପୁଟି ମେୟରଙ୍କ ନେତୃତ୍ୱରେ ଯନ୍ତ୍ରୀ ତଥା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନଙ୍କ ସହିତ ଉକ୍ତ ୱାର୍ଡ଼ର ବିଭିନ୍ନ କ୍ଷେତ୍ର ପରିଦର୍ଶନ କରାଯାଇ, କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବାକୁ ସେ ମଧ ପରାମର୍ଶ ଦେଇଥିଲେ ।

ସୁଶ୍ରୀ ଇତିଶ୍ରୀ ବେହେରା, କର୍ପୋରେଟର ୱାର୍ଡ଼ ନଂ-୦୨ ବିଭିନ୍ନ ସମୟରେ ୱାର୍ଡ଼ର ବିଭିନ୍ନ ଅଂଚଳ ପରିଦର୍ଶନ କରି ୱାର୍ଡ଼ର ବିଭିନ୍ନ ସମସ୍ୟା ଅନୁଧାନ ତଥା କାର୍ଯ୍ୟର ତଦାରକ କରୁଥିବା ପ୍ରକାଶ କରିଥିଲେ ।

ଦୀର୍ଘ ଦିନ ଧରି କୌଣସି କର୍ପୋରେଟର ସମ୍ପୃକ୍ତ ୱାର୍ଡ଼ରେ ଅନୁପସ୍ଥିତ ରହିଲେ ମାନ୍ୟବର ମେୟରଙ୍କ କ୍ଷମତା ବଳରେ ଏକ ଅଧିକାରୀ ସ୍ଥରୀୟ ଟିମ ଗଠନ କରାଯାଇ ସମ୍ପୃକ୍ତ ୱାର୍ଡ଼ର ବିଭିନ୍ନ କାର୍ଯ୍ୟକୁ ତଦାରକ କରାଯିବା ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ ପ୍ରସ୍ତାବ ଆଗତ କରିଥିଲେ । ସେ ମଧ ୱାର୍ଡ଼ରେ ଦୀର୍ଘଦିନ ଧରି ସମ୍ପୃକ୍ତ କର୍ପୋରେଟରଙ୍କ ଅନୁପସ୍ଥିତିକୁ ରାଜ୍ୟ ସରକାରଙ୍କୁ ଅବଗତ କରାଯିବାକୁ ପରାମର୍ଶ ଦେଇଥିଲେ । ୱାର୍ଡ଼ର ପ୍ରତ୍ୟେକ କାର୍ଯ୍ୟର ତଦାରକ ନିମନ୍ତେ ସମ୍ପୃକ୍ତ ୱାର୍ଡ଼ର ପାର୍ଶ୍ୱବର୍ତି କର୍ପୋରେଟର ମାନଙ୍କୁ ସାମିଲ କରାଯାଇ ଏକ କମିଟି ଗଠନ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

୧ ନମ୍ବର ୱାର୍ଡ଼ର ପାର୍ଶ୍ୱବର୍ତି କର୍ପୋରେଟର ମାନଙ୍କୁ ସାମିଲ କରାଯାଇ ଏକ କମିଟି ଗଠନ କରାଯାଇ, ସମ୍ପୃକ୍ତ ୱାର୍ଡ଼ର ଦୈନନ୍ଦିନ କାର୍ଯ୍ୟ ଏବଂ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକର ତ୍ୱରାନ୍ୱିତ କରାଯିବାକୁ ଡ଼େପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ପରାମର୍ଶ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା ବିଭିନ୍ନ ୱାର୍ଡ଼ ମାନଙ୍କରେ ଛୋଟ ନାଳ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟକୁ ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ୧ ମାସ ନିମନ୍ତେ ବର୍ଦ୍ଧିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଆସନ୍ତା ଏକ ସପ୍ତାହ ମଧରେ ସମସ୍ତ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ନିଗମର ୨୦୧୫-୧୬ ଆର୍ଥିକ ବର୍ଷ ନିମନ୍ତେ ବଜେଟ ସମ୍ପର୍କରେ ଆଲୋଚନା କରାଯାଇ, ନିଗମର ଏକ ସ୍ୱତନ୍ତ୍ର ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇ ବଜେଟ ଅନୁମୋଦନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଆଧାର କାର୍ଡ଼ ସମ୍ପର୍କରେ ନିଗମ ପକ୍ଷରୁ ଏକ ପ୍ରେସ ଇସ୍ତାହାର ମାଧମରେ ଜନସାଧାରଣ ମାନଙ୍କୁ ଅବଗତ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ । ନିଗମର ସର୍ଭେ ବିଭାଗରେ ଅମିନ ପଦବୀ ପୂରଣ ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ପ୍ରାପ୍ତ ହୋଇଥିବାରୁ, ପ୍ରତିଷ୍ଠାନ ବିଭାଗ ଦ୍ୱାରା ଏ ଦିଗରେ ଅନୁଧାନ କରାଯାଇ, ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ଯୋଜନାରେ ନିୟମ ଅନୁଯାୟୀ ୱାର୍ଡ଼ କଲ୍ୟାଣ ସମିତି ଗଠନ ନିମନ୍ତେ, ସେ ମଧ ସମସ୍ତ କର୍ପୋରେଟର ମାନଙ୍କୁ ନିବେଦନ କରିଥିଲେ । ପୂର୍ବରୁ ବିଭିନ୍ନ ୱାର୍ଡ଼ର ଷ୍ଟ୍ରିଟ ଲାଇଟ ଗୁଡ଼ିକର ସ୍ଥାପନ ଏବଂ ଖାଲିଥିବା ଲାଇଟ ପୋଷ୍ଟ ଗୁଡ଼ିକ ନିମନ୍ତେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ସର୍ଭେ ରିପୋର୍ଟକୁ ଗୃହରେ ସମସ୍ତ କର୍ପୋରେଟର ମାନଙ୍କ ଅବଗତ ନିମନ୍ତେ ଉପସ୍ଥାପନ କରିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ । ନିଗମର ସର୍ଭେ ବିଭାଗର କର୍ମଚାରୀ ମାନଙ୍କୁ ନିୟୋଜିତ କରାଯାଇ ଭଗତ ହଷ୍ଟେଲର ଏକ ଷ୍ଟାଟସ୍ ରିପୋର୍ଟ ପ୍ରସ୍ତୁତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

## ଶ୍ରୀଯୁକ୍ତା ପ୍ରଳୟା ବେହେରା, କର୍ପୋରେଟର, ୱାର୍ଡ ନଂ-୪୭ :

❖ ନିଗମର ବିଭିନ୍ନ ଅଂଚଳରେ ମଶା ଉପଦ୍ରବ୍ୟର ପ୍ରତିକାର ନିମନ୍ତେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପରାମର୍ଶ ଦେଇଥିଲେ ।

❖ ଖାନ ନଗର ଶ୍ମସାନ ଓ ନିମପୁର ଶ୍ମସାନର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ଯଥାଶିଘ୍ର DPR ପ୍ରସ୍ତୁତ କରାଯାଇ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ କାଳିଆ ବୋଦା ଶ୍ମସାନରେ ଜଗୁଆଳୀର ବ୍ୟବସ୍ଥା କରାଯିବା ସହ ସେଠାରେ Land Scapping କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ନିଜସ୍ୱ ଜମି ଗୁଡ଼ିକ ଚିହ୍ନଟ କରାଯାଇ, ଉପଯୁକ୍ତ ସ୍ଥାନରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ କାଳିଆବୋଦା ବୋରିଙ୍ଗ ପଏଣ୍ଟରେ ID Pump ବଦଳରେ ଏକ Volvo Pumpର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନୂତନ ବାର୍ଦ୍ଧକ୍ୟ ଭତା ପ୍ରଦାନ ନିମନ୍ତେ Additional Target ପ୍ରଦାନ କରାଯିବାକୁ ରାଜ୍ୟ ସରକାରଙ୍କ ସହ ତ୍ୱରାନ୍ୱିତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ବିଭିନ୍ନ ଅଂଚଳରେ ସ୍ଥାପନ କରାଯାଇଥିବା ଟେଲିଫୋନ ଟାୱାର ଏବଂ ହୋଡ଼ିଙ୍ଗସ୍ ଗୁଡ଼ିକର ଏକ ୱାର୍ଡ ୱାରୀ ତାଲିକା ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବିଭିନ୍ନ ଅଂଚଳରେ ନିଗମ ଅଧିନରେ ରହିଥିବା ପାର୍କ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ବ୍ୟବସ୍ଥା ସହ, ବୈଦ୍ୟୁତିକ ଆଲୋକର ମରାମତି ବ୍ୟବସ୍ଥା ପ୍ରତି ଅଗ୍ରାଧିକାର ପ୍ରଦାନ କରାଯିବାକୁ ନିବେଦନ କରିଥିଲେ ।

❖ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅତିରିକ୍ତ ୨ ଜଣ ଲେଖାଏଁ କୂଲୀ ବ୍ୟବସ୍ଥା କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

❖ ଜରୁରୀ କାଳୀନ ଅବସ୍ଥାରେ ୱାର୍ଡ଼ର କେତେକ କାର୍ଯ୍ୟ ଆବଶ୍ୟକତା ପଡୁଥିବାରୁ, F2 ମାଧମରେ ଏହି କାର୍ଯ୍ୟ କରାଯିବା ନିମନ୍ତେ ଅନୁମତି ପ୍ରଦାନ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।

## ଶ୍ରୀଯୁକ୍ତା ଏ. ଶ୍ରୀଦେବୀ , ଅଧକ୍ଷା, ଏଜୁକେସନ ରିକ୍ରେସନ ଏବଂ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି :

❖ ହାଡ଼ିଆପଠାରେ ତେଲୁଗୁ ସମ୍ପ୍ରଦାୟଙ୍କ ନିମନ୍ତେ ଉଦ୍ଧିଷ୍ଟ ଥିବା ଶ୍ମସାନର ପୁର୍ନରୁଦ୍ଧାର ଏବଂ ବୁଶ କଟିଙ୍ଗର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ବିଭିନ୍ନ ଶ୍ମସାନ ଗୁଡ଼ିକରେ Security Guard ନିୟୋଜନର ବ୍ୟବସ୍ଥା କରାଯିବା ସହ ବାଉଣ୍ଡରି ୱାଲ ତଥା ଗେଟ ସ୍ଥାପନର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ର ଉର୍ଦ୍ଧୁ ଲାଇବ୍ରେରୀର ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ପଠାଯାଇଥିବା ପ୍ରସ୍ତାବର ତ୍ୱରାନ୍ୱିତ ନିମନ୍ତେ ମଧ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ବିଭିନ୍ନ ୱାର୍ଡ଼ ମଧରେ ବୁଲା କୁକୁରଙ୍କ ସମସ୍ୟା ବୃଦ୍ଧି ପାଉଥିବାରୁ, ଏ ଦିଗରେ ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିବେଦନ କରିଥିଲେ ।

❖ Devolution Fund ମାଧମରେ ପ୍ରାପ୍ତ ହୋଇଥିବା ପାଣ୍ଠି ମଧରୁ ନିଗମର ବିଭିନ୍ନ ଅଂଚଳର ପାର୍କ ଆଣ୍ଡ ପ୍ଲାଣ୍ଟେସନ କାର୍ଯ୍ୟ ନିମନ୍ତେ ଅନ୍ୟୁନ୍ୟ ଏକ କୋଟି ଟଙ୍କାର ବ୍ୟବସ୍ଥା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ରାଜୀବ ଆୱାସ ଯୋଜନାରେ ବସ୍ତି ଅଂଚଳର ବିକାଶ ନିମନ୍ତେ ପ୍ରାପ୍ତ ହୋଇଥିବା ପାଣ୍ଠିର ବିନିଯୋଗ ନିମନ୍ତେ, ଯଥାଶିଘ୍ର ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଅଗାଧିକାର ଭିତିରେ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ଏହି ଯୋଜନାର Present Status ସମସ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ପରାମର୍ଶ ଦେଇଥିଲେ ।

**ଶ୍ରୀଯୁକ୍ତା ନମିତା ବାରିକ, କର୍ପୋରେଟର, ୱାର୍ଡ଼ ନଂ-୦୮ :**

- ୱାର୍ଡ଼ ମଧ୍ୟରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଆରମ୍ଭ କରାଯାଇଥିବାର ଅଭିଯୋଗ କରି, ୱାର୍ଡ଼ର ତଅଁଳାସାହି ବସ୍ତିର ଉଚ୍ଛେଦ କରାଯାଇଥିଲେ ମଧ୍ୟ, ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ଆରମ୍ଭ କରାଯାଇନଥିବାର ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ସ୍ପଷ୍ଟିକରଣ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ ।
- ଠିକାଦାର ମାନେ ବିଭିନ୍ନ କାର୍ଯ୍ୟ ନିମନ୍ତେ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶପାଇ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ଆରମ୍ଭ କରୁନଥିବାରୁ, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରୁନଥିବା ଦୃଷ୍ଟିରୁ, ଏ ଦିଗରେ ଯନ୍ତ୍ରୀ ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

ତଅଁଳାସାହି ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଯଥାଶିଘ୍ର ସିଡ଼ିଏ ଠାରୁ NOC ଅଣାଯାଇ, ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା ପରାମର୍ଶ ଦେଇଥିଲେ ଏବଂ ଉକ୍ତ ସ୍ଥାନର Land Status କୁ ଅନୁଧ୍ୟାନ କରାଯିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

- ତଅଁଳାସାହିର ବିସ୍ଥାପିତ ଲୋକମାନଙ୍କ ନିମନ୍ତେ ନିୟମିତ ପାନୀୟଜଳର ବ୍ୟବସ୍ଥା ସହ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, ଅଧ୍ୟକ୍ଷ, ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି :**

- ବିଭିନ୍ନ ସମୟରେ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକକୁ ନିଗମର ଯନ୍ତ୍ରୀ ବିଭାଗର ଅଧିକାରୀ ମାନେ ଆସୁନଥିବାର ଅଭିଯୋଗ କରିବା ସଙ୍ଗେ ସଙ୍ଗେ, ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ସମ୍ଭବପର ହୋଇପାରୁନଥିବା ପ୍ରକାଶ କରିଥିଲେ ।
- ପ୍ରୋଜେକ୍ଟ ସମ୍ମାନ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଯଥାଶିଘ୍ର ଅନୁମୋଦନ କରାଯାଇଥିବା ଶୌଚାଳୟ ଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ଶେଷ କରାଯାଇ ଆସନ୍ତା ସ୍ୱାୟତ ଶାସନ ଦିବସ ଅବସରରେ ସେ ଗୁଡ଼ିକର ଶୁଭ ଉଦ୍‌ଘାଟନ ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ର ଥୋରିଆ ସାହିରେ ବହୁ ଦିନରୁ ଦୁଇଟି ମାଟି ରାସ୍ତା ରହିଥିବାରୁ ଏହାକୁ ପକ୍କା ରାସ୍ତା କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ନୂତନ ରେସନ କାର୍ଡ଼ ପ୍ରଦାନ ନିମନ୍ତେ ସ୍ଥିର କରାଯାଇଥିବା କାର୍ଯ୍ୟସୂଚୀ ସମ୍ପର୍କରେ ସମସ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ, କର୍ପୋରେଟର, ୱାର୍ଡ଼ ନଂ-୫୮ :**

- ସର୍ଫେସ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ବର୍ତ୍ତମାନ ସୁଦ୍ଧା ୱାର୍ଡ଼କୁ କୌଣସି କୂଲୀ ବ୍ୟବସ୍ଥା କରାଯାଇନଥିବାରୁ, ଏ ଦିଗରେ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ନୂତନ ଭାବେ ନିଗମ ଅଂଚଳରେ ସାମିଲ କରାଯାଇଥିବା ୱାର୍ଡ଼ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା କରାଯାଇ, ୱାର୍ଡ଼ର ଆବଶ୍ୟକତା ଅନୁଯାୟୀ ଉକ୍ତ ଲାଇଟ ଗୁଡ଼ିକର ସ୍ଥାପନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ମଧ୍ୟରେ ରହିଥିବା ଅନେକ ମାଟି ରାସ୍ତା ଗୁଡ଼ିକ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧ୍ୟାନ କରାଯାଇ, ସେ ଗୁଡ଼ିକ ପକ୍କାରାସ୍ତା କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ ଯନ୍ତ୍ରୀ ବିଭାଗ ଦ୍ୱାରା କରାଯିବାକୁ ମଧ୍ୟ ଅନୁରୋଧ କରିଥିଲେ ।
- ପୁର୍ବପରି ପ୍ରତ୍ୟେକ ଗୃହ ମାନଙ୍କରେ ମଶା ବଂଶର ବୃଦ୍ଧିକୁ ହ୍ରାସ କରାଯିବାକୁ Sulpha PD Spray କରାଯିବା ନିମନ୍ତେ ମଧ୍ୟ ପ୍ରସ୍ତାବ ଦେଇଥିଲେ ଏବଂ ଯଥାଶିଘ୍ର ନାଳ ମାନଙ୍କରେ ML Oil ପକାଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଜୟଦେବ ଜେନା, କର୍ପୋରେଟର, ୱାର୍ଡ଼ ନଂ-୪୦ :**

- ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ନିଗମ ପକ୍ଷରୁ ମଲ୍ଲୀଚଣ୍ଡିଆଛକ ଠାରେ ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କର ପ୍ରତିମୁର୍ତ୍ତି ପୁନଃ ସ୍ଥାପନ କରାଯାଇଥିବା ଦୃଷ୍ଟିରୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

❖ ନିଗମର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ମହାପୁରୁଷ ମାନଙ୍କ ନିକଟରେ ସ୍ଥାୟୀ ସିଡ଼ିର ବ୍ୟବସ୍ଥା କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ବିଭିନ୍ନ ଅଂଚଳରେ ରହିଥିବା ପାର୍କ ତଥା ପ୍ରତିମୂର୍ତିସ୍ଥଳ ଗୁଡ଼ିକର ଆବଶ୍ୟକୀୟ ସୌନ୍ଦର୍ଯୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ PPP ମାଧମରେ ଉପଯୁକ୍ତ ସଂସ୍ଥା ଚୟନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସହିଦ ପାର୍କରେ ସ୍ଥାପନ କରାଯାଇଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତି ଗୁଡ଼ିକର ଉପରଭାଗରେ Shed ନିର୍ମାଣର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ବାଇ-ଲ ଗୁଡ଼ିକର ନକଲ ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ ସହ, ଅବଶିଷ୍ଟ ବାଇ-ଲ ଗୁଡ଼ିକର ଅନୁମୋଦନ ନିମନ୍ତେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

❖ ଆଧାରକାର୍ଡ଼ ପ୍ରଦାନ ନିମନ୍ତେ ନିଗମର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ପକ୍ଷେ ୬ ଗୋଟି କେନ୍ଦ୍ର ନିର୍ଦ୍ଧାରଣ କରାଯାଇ, ଆସନ୍ତା ମାର୍ଚ୍ଚ ମାସ ପୂର୍ବରୁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ନିଗମର ବିଭିନ୍ନ ୱାର୍ଡ଼ ମଧରେ ଜାଇକା ପ୍ରକଳ୍ପ କାର୍ଯ୍ୟର ସମିକ୍ଷା ନିମନ୍ତେ ଯଥାଶିଘ୍ର ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ର ସର୍ଫେସ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ସର୍ଭିସ ପ୍ରୋଭାଇଡ଼ର ମାନଙ୍କ ମାଧମରେ ନିୟୋଜିତ କୁଲୀମାନେ ବର୍ତମାନ ସୁଦ୍ଧା କାର୍ଯ୍ୟ ଆରମ୍ଭ କରିନଥିବାରୁ, ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ସ୍ଲଜ ପମ୍ପ ଗୁଡ଼ିକର ସଂଗ୍ରହଣ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୁଚନା କରିବାକୁ ମଧ ଅନୁରୋଧ କରିଥିଲେ ।

**ଶ୍ରୀଯୁକ୍ତ ରମଜାନ ଖାନ୍, କର୍ପୋରେଟର, ୱାର୍ଡ଼ ନଂ-୧୭ :**

❖ ପୂର୍ବରୁ ବିଭିନ୍ନ ସମୟରେ କାଉନସିଲ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଗୁଡ଼ିକର କାର୍ଯ୍ୟକାରୀର ସମିକ୍ଷା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରେ ମଶା ମାନଙ୍କ ପାର୍ଦୁଭାବ ବୃଦ୍ଧି ପାଇଥିବା ଘଟଣାରେ ବୈଠକରୁ ବିରୋଧି ଦଳର ସଦସ୍ୟ / ସଦସ୍ୟା ମାନେ ପ୍ରତିବାଦରେ କକ୍ଷ ତ୍ୟାଗ କରିଥିବାରୁ, ଯଥାଶିଘ୍ର ଏ ଦିଗରେ ପ୍ରତିକାର ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯଥାଶିଘ୍ର ML Oil ସଂଗ୍ରହଣ ନିମନ୍ତେ ଏକ ବୈଷୟିକ କମିଟି ଗଠନ ସହ, ଅଗ୍ରାଧିକାର ଭିତିରେ ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନିଗମ ଅଂଚଳରୁ ମଶା ବଂଶର ବିଲୋପ ନିମନ୍ତେ, ସମସ୍ତଙ୍କ ମିଳିତ ସହଯୋଗରେ ଅଗ୍ରାଧିକାର ଭିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ । ଏଥିପାଇଁ ବିଭିନ୍ନ ନାଳ ଗୁଡ଼ିକର ନିୟମିତ ସଫା କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବାକୁ ମତ ଦେଇଥିଲେ ।

❖ ଆସନ୍ତା ମାର୍ଚ୍ଚ ମାସ ପୂର୍ବରୁ ନିଗମ ଅଂଚଳରେ ଅଚଳ ଅବସ୍ଥାରେ ରହିଥିବା ନଳକୂପ ଗୁଡ଼ିକର ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯାଇ, ସେ ଗୁଡ଼ିକ କାର୍ଯ୍ୟକ୍ଷମ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ନାଳ ମାନଙ୍କର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ବିଭିନ୍ନ ୱାର୍ଡ଼ ନିମନ୍ତେ ନିୟୋଜିତ କୁଲୀ ମାନଙ୍କର କାର୍ଯ୍ୟ ଅବଧିକୁ ଅତିରିକ୍ତ ଏକ ମାସ ନିମନ୍ତେ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଆଗାମୀ ଆର୍ଥିକ ବର୍ଷ ଠାରୁ ୱାର୍ଡ଼ର ଜରୁରୀ ଆବଶ୍ୟକତା ଥିବା କାର୍ଯ୍ୟ ଗୁଡ଼ିକ ନିମନ୍ତେ ସ୍ୱତନ୍ତ୍ର ଭାବେ Corporator Lad Fund ର ବ୍ୟବସ୍ଥା ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଅଗ୍ରାଧିକାର ଭିତିରେ କାର୍ଯ୍ୟ ଗୁଡ଼ିକ ଅନୁଧାନ କରାଯାଇ ନିଗମର ସମ୍ପୃକ୍ତ ଅଧିକାରୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ପ୍ରଦାନ ନିମନ୍ତେ ମଧ ନିବେଦନ କରିଥିଲେ ।

❖ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ଅତ୍ୟନ୍ତ ପକ୍ଷେ ୧୦୦ ଗୋଟି ଅତିରିକ୍ତ ଭତା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯିବା ନିମନ୍ତେ ମଧ ପ୍ରସ୍ତାବ ଆଗତ କରିଥିଲେ ।

- ବିଭିନ୍ନ ୱାର୍ଡ଼ ମାନଙ୍କରେ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ନିମନ୍ତେ ପ୍ରତ୍ୟେକ ସମୟରେ ଅଭିଯୋଗ ମାନ ପ୍ରାପ୍ତ ହେଉଥିବାରୁ, ଅଗ୍ରାଧିକାର ଭିତିରେ ଏ ଗୁଡ଼ିକର ସଂଗ୍ରହଣର ବ୍ୟବସ୍ଥା କରାଯାଇ, ୱାର୍ଡ଼ର ଆବଶ୍ୟକତା ଅନୁଯାୟୀ ପ୍ରଦାନ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- କଟକ ସହରର ଜଳବନ୍ଦୀ ସମସ୍ୟାର ସମାଧାନ ନିମନ୍ତେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ସଂଗ୍ରହଣ କରାଯାଇଥିବା ପମ୍ପସେଟ ଗୁଡ଼ିକର ଉପଯୁକ୍ତ ସ୍ଥାନରେ ସ୍ଥାପନ ଏବଂ ଏ ଗୁଡ଼ିକର ରକ୍ଷଣାବେକ୍ଷଣର ବ୍ୟବସ୍ଥା ନିମନ୍ତେ କାର୍ଯ୍ୟପନ୍ଥା ସ୍ଥିର କରାଯାଇ, ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଂଚଳରେ ବିଭିନ୍ନ ଉନ୍ନୟନ ତଥା ବିକାଶ ମୂଳକ କାର୍ଯ୍ୟକ୍ରମ ନିମନ୍ତେ ଯଥେଷ୍ଟ ପାଣ୍ଠିର ଆବଶ୍ୟକତା ରହିଥିବାରୁ, ସ୍ଥାନୀୟ ବିଧାୟକ ମାନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯାଇ, ରାଜ୍ୟ ସରକାରଙ୍କ ଠାରୁ ଅତିରିକ୍ତ ପାଣ୍ଠିର ବ୍ୟବସ୍ଥା କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ସହିତ ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ସେ ମଧ କଟକ ସହରକୁ ସ୍ମାର୍ଟ ସିଟିର ମାନ୍ୟତା ପ୍ରଦାନ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ, ସମସ୍ତ ଉଦ୍ୟମ ଅବ୍ୟାହତ ରଖାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଧିନରେ ନିୟୋଜିତ କର୍ମଚାରୀ ମାନଙ୍କୁ ନିୟମିତ ବେତନ ପ୍ରଦାନ ତଥା ଭଡ଼ା ସୁତ୍ରରେ ଲାଗିଥିବା ଗାଡ଼ି ଓ ଟ୍ରାକ୍ଟର ଗୁଡ଼ିକର ମାସିକ ଭଡ଼ା ନିୟମିତ ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ଖାଦ୍ୟ ସୁରକ୍ଷା ଆଇନର ସଫଳ ରୂପାୟନ ନିମନ୍ତେ ଏ ଦିଗରେ ବ୍ୟାପକ ପ୍ରଚାର ଓ ପ୍ରସାର ସହ ଏଥିପାଇଁ ଜନସଚେତନତା ସୃଷ୍ଟି ଉଦେଶ୍ୟରେ ପଦକ୍ଷେପ ଗ୍ରହଣ କରାଯିବାକୁ ମତ ବ୍ୟକ୍ତ କରିଥିଲେ ।

**ଶ୍ରୀଯୁକ୍ତ ଚିରଞ୍ଜୀୟ ସାହୁ, ଅଧକ୍ଷ, ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି :**

- ଖାଦ୍ୟ ସୁରକ୍ଷା ଆଇନର ସମ୍ପର୍କରେ  ଜନସଚେତନତା ସୃଷ୍ଟି ଉଦେଶ୍ୟରେ ଏ ଦିଗରେ ନିଗମ ଦ୍ୱାରା ଗ୍ରହଣ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ Press Meet କରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରିଥିଲେ ।
- କନିକାଛକ ସ୍ଥିତ ଅକ୍ଷୟ ମହାନ୍ତି ପାର୍କ ମଧରେ  ସଙ୍ଗୀତଜ୍ଞ ସ୍ୱର୍ଗୀୟ ଅକ୍ଷୟ ମହାନ୍ତିଙ୍କ ଏକ ପ୍ରତିମୂର୍ତି ସ୍ଥାପନ ନିମନ୍ତେ ଅନୁମତି ପ୍ରଦାନ କରାଯିବାକୁ  The Voice of Love ନାମକ ଏକ ସଂସ୍ଥା ଆବେଦନ କରିଥିବାରୁ, ଉକ୍ତ ପାର୍କରେ ସମ୍ପୃକ୍ତ ସଂସ୍ଥାଙ୍କ ଦ୍ୱାରା ସ୍ୱର୍ଗତ ଅକ୍ଷୟ କୁମାର ମହାନ୍ତିଙ୍କ ଏକ ପ୍ରତିମୂର୍ତି ସ୍ଥାପନ ନିମନ୍ତେ ଅନୁମତି ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗଠିତ Technical  କମିଟିର ସୁପାରିଶ କ୍ରମେ ମଶାତେଲ ସଂଗ୍ରହଣ କରାଯାଇ, ଏ ଦିଗରେ ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସମୟୋଚିତ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିୟମିତ ନାଳ ଗୁଡ଼ିକର ପଙ୍କ ଉଦ୍ଧାର ତଥା ସଫାଇ କାର୍ଯ୍ୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଜାତୀୟସହରାଂଚ ସ୍ୱାସ୍ଥ୍ୟ ଯୋଜନାର ସଫଳ କାର୍ଯ୍ୟକାରୀ ନିମନ୍ତେ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ଯଥାଶିଘ୍ର ୱାର୍ଡ଼ କଲ୍ୟାଣ ସମିତି ଗଠନ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ନିଗମର ନିର୍ଦ୍ଧାରିତ ଅଂଚଳରେ CHC ତଥା PHC ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମର ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ବିଭିନ୍ନ ସମୟରେ ଗ୍ରହଣ କରାଯାଉଥିବା ନିଷ୍ପତି ଗୁଡ଼ିକର କାର୍ଯ୍ୟକାରୀ ନିମନ୍ତେ, ଦାୟୀତ୍ୱରେ ରହିଥିବା ଅଧିକାରୀମାନେ ତର୍ଜମାକରି ଯଥାଶିଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ ।

**ଶ୍ରୀଯୁକ୍ତ ହେମନ୍ତ ବେହେରା, କର୍ପୋରେଟର, ୱାର୍ଡ ନଂ-୪୧ :**

- ବୈଠକରେ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟି ମାଧମରେ ଆଗତ କରାଯାଇଥିବା ପ୍ରସ୍ତାବ ଗୁଡ଼ିକ ପାରିତ କରାଯାଇ, ଆସନ୍ତା ବୈଠକରେ ଉକ୍ତ ପ୍ରସ୍ତାବ ଗୁଡ଼ିକର କାର୍ଯ୍ୟକାରୀ ସମ୍ପର୍କରେ ସମିକ୍ଷା  କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତା ମମତା ବେହେରା, କର୍ପୋରେଟର, ୱାର୍ଡ ନଂ-୫୧ :**

- ପୂର୍ବରୁ ଲିଖିତ ଭାବେ ୱାର୍ଡର କେତେକ ପ୍ରସ୍ତାବ ଗୁଡ଼ିକର କାର୍ଯ୍ୟକାରୀ ନିମନ୍ତେ ପ୍ରଦାନ କରାଯାଇଥିଲେ ମଧ, ସମ୍ପୃକ୍ତ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ଉକ୍ତ ପ୍ରସ୍ତାବ ଗୁଡ଼ିକ ଅନୁମୋଦନ କରାଯାଇନଥିବାର ଅଭିଯୋଗ କରିଥିଲେ ।
- ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ବର୍ତ୍ତମାନ ଟ୍ରିଟମେଣ୍ଟ ପ୍ଲାଣ୍ଟର ଜଳ ନଦୀକୁ ଛଡ଼ାଯାଉନଥିବା, ଦୃଷ୍ଟିରୁ ସ୍ଥାନୀୟ ଅଂଚଳରେ ଉକ୍ତ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିମନ୍ତେ ମଶା ବଂଶକ୍ରମଶ ବୃଦ୍ଧି ପାଉଥିବାରୁ, ଏହାର ପ୍ରତିକାର ନିମନ୍ତେ ଉପଯୁକ୍ତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ।

**ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ, କର୍ପୋରେଟର, ୱାର୍ଡ ନଂ-୧୦ :**

- ୱାର୍ଡ଼ର ସିଦ୍ଧେଶ୍ୱର ସାହି ସ୍ଥିତ ପୋଖରୀର ପୁର୍ନରୁଦ୍ଧାର କାର୍ଯ୍ୟକୁ Renovation of Ponds ବାବଦରେ ପ୍ରାପ୍ତ ପାଣ୍ଠି ମଧ୍ୟରେ ଅର୍ନ୍ତଭୁକ୍ତ କରାଯାଇ ବିନିଯୋଗ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି ନିଗମ ଅଂଚଳରେ ଯେଉଁ ସରକାରୀ ଜଳାଶୟ ଗୁଡ଼ିକ ମନ୍ଦିର କିମ୍ବା କୌଣସି ଟ୍ରଷ୍ଟିଙ୍କ ଅଧିନରେ ରହିଛି, ସମ୍ପୃକ୍ତ ଅନୁଷ୍ଠାନ ସହିତ ଯୋଗାଯୋଗ କରାଯାଇ, ଉକ୍ତ ଜଳାଶୟ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ର କେନ୍ଦୁଝରର କଲୋନୀ ଅଂଚଳରେ ୨୦୦ ମିଟର ବ୍ୟବଧାନରେ ଏକ ରାସ୍ତା ମଧ୍ୟରେ ୧୦ ଗୋଟି Cross Drain ଯାଇଥିବାରୁ, ଦୀର୍ଘବର୍ଷଧରି ଏହାର ରାସ୍ତା ନିର୍ମାଣ କାର୍ଯ୍ୟ ହୋଇପାରିନଥିବାରୁ, ଅଗ୍ରାଧିକାର ଭିତିରେ Departmentally ଏହି କାର୍ଯ୍ୟକୁ ଆରମ୍ଭ କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ର ବିଭିନ୍ନ ଅଂଚଳ ନିମନ୍ତେ ବରିଷ୍ଠ ନାଗରୀକ ମାନଙ୍କ ଠାରୁ ପ୍ରାପ୍ତ ହେଉଥିବା ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, ଅଧକ୍ଷ, ପ୍ରତିଷ୍ଠାନ ଷ୍ଟାଣ୍ଡିଙ୍ଗ କମିଟି :**

- କାଉନସିଲ ବୈଠକରେ ବିଭିନ୍ନ ସମୟରେ ପାରିତ କରାଯାଉଥିବା ପ୍ରସ୍ତାବ ଗୁଡ଼ିକର ବାସ୍ତବ କାର୍ଯ୍ୟକାରୀ ନିମନ୍ତେ, ମାନ୍ୟବର ମେୟରଙ୍କ ଅଧକ୍ଷତାରେ ଏକ ଉଚ୍ଚ ସ୍ଥରୀୟ କମିଟି ଗଠନ କରାଯାଇ, ନିୟମିତ ବ୍ୟବଧାନରେ ସମିକ୍ଷା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମ ଦ୍ୱାରା ବିଭିନ୍ନ ସମୟରେ ପ୍ରାପ୍ତ ହେଉଥିବା ଅନୁଦାନର ବିନିଯୋଗ ସମୟରେ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ସମାନତା ରକ୍ଷା କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ଅତିରିକ୍ତ ପାଣ୍ଠିର ବ୍ୟବସ୍ଥା ନିମନ୍ତେ ଉପଯୁକ୍ତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯାଇ, ମାନ୍ୟବର ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟିକୁ ଅଣାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ନିଗମ ଅଧିନରେ ରହିଥିବା ସମସ୍ତ ସ୍ଥାବର ଏବଂ ଅସ୍ଥାବର ସମ୍ପତିର Data Base ପ୍ରସ୍ତୁତ କରାଯାଇ, କାଉନସିଲ ବୈଠକରେ ସମସ୍ତଙ୍କ ଅବଗତ ନିମନ୍ତେ ଉପସ୍ଥାପନା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ମହାନଗର ନିଗମ ଅଂଚଳରେ ପୂର୍ବରୁ ବିଭିନ୍ନ ପଂଚାୟତ ଅଧିନରେ ରହିଥିବା ସମ୍ପତି ଗୁଡ଼ିକ ବର୍ତମାନ ସୁଦ୍ଧା ନିଗମକୁ ହସ୍ତାନ୍ତର କରାଯାଇନଥିବାରୁ, ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- କଟକ ମହାନଗର ନିଗମକୁ ଆତ୍ମ ନିର୍ଭରଶୀଳ କରିବା ଦିଗରେ ନିଗମର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ପଦକ୍ଷେପ ସହିତ, ଏକ ଉପଯୁକ୍ତ Master Plan ପ୍ରସ୍ତୁତ କରାଯାଇ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ମାଧମରେ ଅତିରିକ୍ତ ପାଣ୍ଠିର ବ୍ୟବସ୍ଥା କରାଯିବାକୁ ମଧ ପ୍ରସ୍ତାବ ଗ୍ରହଣ କରାଗଲା ।
- ପ୍ରତିଷ୍ଠାନ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା ବିଭିନ୍ନ ସମୟରେ ଗ୍ରହଣ କରାଯାଉଥିବା ପ୍ରସ୍ତାବ ଗୁଡ଼ିକ ଯଥା ସମୟରେ କାର୍ଯ୍ୟକାରୀ କରାଯାଇ, ନିଗମର କର୍ମଚାରୀ ମାନଙ୍କୁ ଉପକୃତ କରାଯିବା ନିମନ୍ତେ ମଧ ପ୍ରସ୍ତାବ ଦେଇଥିଲେ ।
- ନିଗମର କାଉନସିଲ ବିଭାଗକୁ ଆବଶ୍ୟକୀୟ ଅତିରିକ୍ତ କର୍ମଚାରୀ ତଥା Computer Consumables ଯଥା ସମୟରେ ଯୋଗାଇ ଦିଆଯାଇ, ବିଭିନ୍ନ ସମୟରେ ଅନୁଷ୍ଠିତ ବୈଠକ ଗୁଡ଼ିକର ବିବରଣୀ ସମସ୍ତ କର୍ପୋରେଟର ମାନଙ୍କୁ ସଠିକ୍ ସମୟରେ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ଚୌଧୁରୀ ସୁବ୍ରତ ଘଡ଼ାଇ, ଚୌଦ୍ୱାର-କଟକ ବିଧାନସଭା ସଦସ୍ୟଙ୍କ ପ୍ରତିନିଧି :**

- ଗୃହରେ ମଶା ବଂଶ ବୃଦ୍ଧି ପ୍ରସଙ୍ଗରେ ବାରମ୍ବାର ଉଦ୍‌ବେଗ ପ୍ରକାଶ ପାଉଥିବାରୁ, ଏ ଦିଗରେ ଯୋଜନା ବଦ୍ଧ ଭାବେ କାର୍ଯ୍ୟପନ୍ଥା ସ୍ଥିର କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- କର୍ପୋରେଟର ମାନଙ୍କ ମାସିକ ଭତା ପ୍ରଦାନ ସମ୍ପର୍କରେ ଆଗତ କରାଯାଇଥିବା ପ୍ରସ୍ତାବକୁ ସେ ମାନ୍ୟବର ବିଧାୟକଙ୍କ ଜରୀଆରେ ଉପସ୍ଥାପନ କରିବାକୁ ମଧ ପ୍ରତିଶୃତି ଦେଇଥିଲେ ।
- କର୍ପୋରେଟର ମାନଙ୍କ ନିମନ୍ତେ ନିର୍ଦ୍ଧିଷ୍ଟ ଭାବେ Lad Fund ର ବ୍ୟବସ୍ଥା କରାଯିବା ନିମନ୍ତେ ଆଗତ ପ୍ରସ୍ତାବକୁ ସ୍ୱାଗତ କରି, ଏଥିପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ପାଣ୍ଠିର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ନିଗମର ବିଭିନ୍ନ ଅଂଚଳରେ PHD Pipe Line ଗୁଡ଼ିକର ଆବଶ୍ୟକୀୟ ମରାମତି ତଥା Replacement କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହିତ ନିଗମର ବିଭିନ୍ନ ଅଂଚଳରେ ରହିଥିବା ଖେଳପଡ଼ିଆ ଗୁଡ଼ିକର ଉନ୍ନତିକରଣ କାର୍ଯ୍ୟକୁ ନିଗମର କାର୍ଯ୍ୟକ୍ରମ ମଧ୍ୟରେ ଅର୍ନ୍ତଭୁକ୍ତ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

MP/ MLA Land Fund ମାଧ୍ୟମରେ ପ୍ରାପ୍ତ ହେଉଥିବା ପାଣ୍ଠିକୁ ସମ୍ପୃକ୍ତ ପ୍ରକଳ୍ପ କାର୍ଯ୍ୟରେ ବିନିଯୋଗ ନିମନ୍ତେ, ନିର୍ଦ୍ଧାରିତ କରାଯାଇଥିବା Guidelines ସମସ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରସ୍ତାବ ଦେଇଥିଲେ ।

ବିଭିନ୍ନ ସମୟରେ କାଉନସିଲ ଦ୍ୱାରା ବହୁ ପ୍ରସ୍ତାବ ଆଗତ କରାଯାଇ ଅନୁମୋଦନ କରାଯାଉଥିଲେ ମଧ, ବର୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ସେ ଗୁଡ଼ିକ କାର୍ଯ୍ୟକାରୀ କରାଯାଇନଥିବାରୁ, ସଦସ୍ୟ ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା ଏହି ପ୍ରସ୍ତାବ ଗୁଡ଼ିକର ନିୟମିତ ତର୍ଜମା ତଥା ସମିକ୍ଷା କରିବାକୁ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ର ଶ୍ରୀରାମ ନର୍ସିଂହୋମ ଠାରୁ ମଣ୍ଡାସାହି ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ କାର୍ଯ୍ୟ ନିମନ୍ତେ ଘରୋଇ ଜମିର ସମସ୍ୟା ଦୃଷ୍ଟିରୁ ଅଧା ପଡ଼ିରହିଥିବାରୁ, ଏହି ଡ୍ରେନ ସମ୍ପୂର୍ଣ୍ଣ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ୱାର୍ଡ଼ ମଧରେ ଟିଣପିଟା ସାହି, ମୁରାଦଖାଁ ପାଟଣା ଏବଂ ମଲ୍ଲସାହି ଶୌଚାଳୟ ଗୁଡ଼ିକର ବୈଦ୍ୟୁତିକ ଲାଇନ ବିଛିନ୍ନ କରାଯାଇଥିବାରୁ, ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଥିଲେ । ୱାର୍ଡ଼ ନିମନ୍ତେ ପ୍ରାପ୍ତ ହୋଇଥିବା ଅତିରିକ୍ତ ଭତା ପ୍ରଦାନ ନିମନ୍ତେ ପ୍ରାପ୍ତ ହୋଇଥିବା ଆବେଦନ ଗୁଡ଼ିକର ମଞ୍ଜୁର ନିମନ୍ତେ, ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇ Additional Target ର ବ୍ୟବସ୍ଥା କରାଯିବାକୁ ଅନୁରୋଧ କରିଥିଲେ ।

**ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ, କର୍ପୋରେଟର, ୱାର୍ଡ଼ ନଂ-୦୬ :**

- ୱାର୍ଡ଼ ମଧରେ ରହିଥିବା ସତୀଚୌରା ଶ୍ମସାନର ନିୟମିତ ସଫାଇ ବ୍ୟବସ୍ଥା ସହ, ନୂତନ କାଞ୍ଜିଆହୋଦା ନିର୍ମାଣ ପ୍ରସ୍ତାବକୁ ତ୍ୱରାନ୍ୱିତ କରାଯିବା ନିମନ୍ତେ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ୱାର୍ଡ଼ର ବିଭିନ୍ନ ସ୍ଥାନରେ ନିର୍ଦ୍ଧାରିତ ୧୫ ଲକ୍ଷ ଟଙ୍କାର ବିନିଯୋଗରେ କରାଯାଇଥିବା ରାସ୍ତା ନିର୍ମାଣ କାର୍ଯ୍ୟରେ ବହୁ ତ୍ରୁଟୀ ପରିଲକ୍ଷିତ ହୋଇଥିବାରୁ, ଏ ଦିଗରେ ଯନ୍ତ୍ରୀ ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।
- ୱାର୍ଡ଼ର ବିଭିନ୍ନ ସ୍ଥାନରେ ବୈଦ୍ୟୁତିକ ଆଲୋକର ମରାମତି କାର୍ଯ୍ୟ ଅଗ୍ରାଧିକାର ଭିତିରେ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ମଧରେ ରହିଥିବା ବୀମା ବିହାରକୁ ନିଗମ ଅଂଚଳରେ ସାମିଲ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ମଧ ନିବେଦନ କରିଥିଲେ ।

**ଶ୍ରୀଯୁକ୍ତ ବିଜୟ କୁମାର ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୧ :**

- ବିଭିନ୍ନ ୱାର୍ଡ଼ ମାନଙ୍କରେ ସରଫେସ ଡ୍ରେନର ପଙ୍କ ଉଦ୍ଧାର କାର୍ଯ୍ୟ ନିମନ୍ତେ ନିୟୋଜିତ କୂଲୀ ମାନଙ୍କର ଅବଧିକୁ ଅତିରିକ୍ତ ୧ ମାସ ନିମନ୍ତେ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବିଭିନ୍ନ ୱାର୍ଡ଼କୁ ମାଟି ତଥା ଅଳିଆ ଆବର୍ଜନା ଉଠାଯିବା ନିମେନ୍ତ ନିୟମିତ ଟ୍ରାକ୍ଟର ପ୍ରଦାନ କରାଯାଉନଥିବାରୁ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଥିଲେ ।
- ନିଗମ ଅଂଚଳର ପରିମଳ ବ୍ୟବସ୍ଥାରେ ସୁଧାର ଅଣାଯିବା ନିମନ୍ତେ ଯଥେଷ୍ଟ ପାଣ୍ଠିର ଆବଶ୍ୟକତା ରହିଥିବାରୁ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରାଯାଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବାକୁ ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଶିଖରପୁର ଅନନ୍ତ ଗୋପାଳ ଆଶ୍ରମ ରାସ୍ତା ଉପରେ ବେଆଇନ ଭାବେ ପ୍ରାଚେରୀ ନିର୍ମାଣ କାର୍ଯ୍ୟ କରାଯାଇଥିବାରୁ, ସଦସ୍ୟା ଶ୍ରୀଯୁକ୍ତା କବିତା ଖଣ୍ଡାଇ ନିଗମର ସର୍ଭେ ବିଭାଗ ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ନିଗମର ବିଭିନ୍ନ ଅଂଚଳରେ ରହିଥିବା ଶ୍ମସାନ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ ସହ ଆବଶ୍ୟକୀୟ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା କରାଯିବା ନିମନ୍ତେ ସଦସ୍ୟା ଶ୍ରୀଯୁକ୍ତା ପ୍ରଜ୍ଞା ବେଉରା ମାନ୍ୟବର ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ କାଳିଆବୋଦା ଶ୍ମସାନରେ Security ବ୍ୟବସ୍ଥା କରାଯାଇ, ନିର୍ଦ୍ଧାରିତ Fee ଆଦାୟ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ସଦସ୍ୟ ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସ୍ୱାଇଁ କହିଥିଲେ ୱାର୍ଡ଼କୁ ମାନ୍ୟବର କଟକ ଲୋକସଭା ସଦସ୍ୟଙ୍କ ପରିଦର୍ଶନ କ୍ରମେ କେନ୍ଦୁଝର କଲୋନୀ ଠାରୁ କାଫଲା ବଜାର ଡ୍ରେନ ନିର୍ମାଣ କାର୍ଯ୍ୟ ନିମନ୍ତେ ଅନୁମୋଦନ କରାଯାଇଥିବା ଦୃଷ୍ଟିରୁ, ଏହି ପ୍ରକଳ୍ପ କାର୍ଯ୍ୟର ବର୍ତମାନର ସ୍ଥିତି ସମ୍ପର୍କରେ ଯନ୍ତ୍ରୀ ବିଭାଗ ଠାରୁ ସ୍ପଷ୍ଟିକରଣ ଚାହିଁଥିଲେ । ନିଗମର ନଗର ଯନ୍ତ୍ରୀ ଏହି ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରାଯାଇ ଟେଣ୍ଡର କରାଯିବାକୁ ସ୍ଥିର କରାଯାଇଥିବା ପ୍ରକାଶ କରିଥିଲେ ।

**ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା, କର୍ପୋରେଟର, ୱାର୍ଡ଼ ନଂ-୧୪ :**

- ୱାର୍ଡ଼ର ବିଭିନ୍ନ ସ୍ଥାନରେ ପରିମଳ ବ୍ୟବସ୍ଥାରେ ବହୁ ବାଧାବିଘ୍ନ ସୃଷ୍ଟି ହୋଇଥିବାରୁ, ଯଥାଶିଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।
- ୱାର୍ଡ଼ର ବଡ଼ ଡ୍ରେନର ପଙ୍କ ଉଦ୍ଧାର କାର୍ଯ୍ୟ ସହ ସୂତାହାଟ କଲୋନୀ, ଭକ୍ତମଧୁ ବିଦ୍ୟାପିଠ, କାଜି ବଜାର ଏବଂ ରୋଭରଷ୍ଟ୍ରିଟ ଅଂଚରୁ ଯଥାଶିଘ୍ର ନାଳମାଟି ଉଠାଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଆଗତ କରିଥିଲେ ।
- ୱାର୍ଡ଼ର ଜଗନ୍ନାଥ ବଲ୍ଲଭ ଏବଂ ଚୈତନ୍ୟମଠ ଅଂଚଳରେ ଯଥାଶିଘ୍ର ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା କରାଯିବାକୁ ଅନୁରୋଧ କରିଥିଲେ ।

**ପ୍ରସ୍ତାବ ନଂ-୧.** ଗତ ତା. ୩୦-୧୨-୨୦୧୪ରିଖ ବୈଠକର ୮ମ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା. ୩୦-୧୨-୨୦୧୪ରିଖ ବୈଠକର ୮ମ ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ ନଂ-୨.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୨.୧** ଗତ ୦୭.୦୧.୨୦୧୫ରିଖ ଲାଇସେନ୍ସ ଆଣ୍ଡ୍ ଅପିଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୨** ଗତ ୧୨.୦୧.୧୫ରିଖ ଏଜୁକେସନ, ରିକ୍ରେସନ ଆଣ୍ଡ କଲଚରାଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୩** ଗତ ୧୪.୦୧.୨୦୧୫ରିଖ ଲାଇସେନ୍ସ ଆଣ୍ଡ୍ ଅପିଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୪** ଗତ ତା ୧୫.୦୧.୨୦୧୫ରିଖ ପବ୍ଲିକ୍ ହେଲଥ୍, ୱାଟର ସପ୍ଲାଏ, ଇଲେକ୍ଟ୍ରିକ୍ ସପ୍ଲାଏ, ଡ୍ରେନେଜ୍ ଆଣ୍ଡ୍ ଏନଭାଇରନମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୫** ଗତ ତା ୧୬.୦୧.୨୦୧୫ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୬** ଗତ ତା ୧୭.୦୧.୨୦୧୫ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୭** ଗତ ୨୦.୦୧.୨୦୧୫ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୮** ଗତ ତା ୨୧.୦୧.୨୦୧୫ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୨.୯** ଗତ ୨୨.୦୧.୨୦୧୫ରିଖ ପ୍ଲାନିଙ୍ଗ ଆଣ୍ଡ୍ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

ନିର୍ଦ୍ଧାରଣ ନଂ-୩. ନିଗମର ବିଭିନ୍ନ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ, ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ କରାଯାଇଥିବା ସୁପାରିଶ ଏ ବଂ କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଅନୁଯାୟୀ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ କରାଗଲା ।

୧. ୧ନମ୍ବର ୱାର୍ଡ଼ରେ ସମ୍ପୃକ୍ତ କର୍ପୋରେଟରଙ୍କ ଦୀର୍ଘ ଦିନର ଅନୁପସ୍ଥିତିକୁ ଦୃଷ୍ଟିରେ ରଖାଯାଇ, ମାନ୍ୟବର ମେୟରଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ, ସମ୍ପୃକ୍ତ ୱାର୍ଡ଼ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକର ତଦାରକର ବ୍ୟବସ୍ଥା କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା

୨. ୱାର୍ଡ଼ ମାନଙ୍କର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ୱାର୍ଡ଼ରେ ସର୍ଫେସ ଡ୍ରେନ ଗୁଡ଼ିକର ପଙ୍କ ଉଦ୍ଧାର କାର୍ଯ୍ୟକୁ ଅତିରିକ୍ତ ୧ ମାସ ନିମନ୍ତେ ବର୍ଦ୍ଧିତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୩. ନିଗମର ପ୍ରତିଷ୍ଠାନ ବିଭାଗ ଦ୍ୱାରା ଆଗତ ପ୍ରସ୍ତାବ ଏବଂ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର Resolution No-15330/HUD, dt. 01.08.2014 ଏବଂ ପତ୍ର ସଂଖ୍ୟା 18134/HUD, dt. 09.09.2014 କୁ ଅନୁଧାନ କରାଯାଇ ନିଗମର ସମସ୍ତ ଅବସରପ୍ରାପ୍ତ / ମୃତ୍ୟୁ ବରଣ କରିଥିବା କର୍ମଚାରୀ ମାନଙ୍କ ନିମନ୍ତେ ସଂଶୋଧିତ ପେନସନ, ଫାମେଲୀ ପେନସନ ଏବଂ ଟି.ଆଇ- ତା ୦୧.୦୧.୨୦୦୬ରିଖ ଠାରୁ Revised Scale of Pay, 2008 ଅନୁଯାୟୀ, ସଂଶୋଧନ କରାଯିବା ନିମନ୍ତେ ଅନୁମୋଦନ କରାଗଲା ଏବଂ ଗ୍ରାଚ୍ୟୁଟି ତା ୦୧.୧୨.୨୦୦୮ରିଖ ଠାରୁ ସଂଶୋଧନ କରାଯିବା ନିମନ୍ତେ ସ୍ଥିର କରାଗଲା । 6th Pay Commission Report ଅନୁଯାୟୀ, ନିଗମର ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର Minimum Pension /Family Pension ଏବଂ Provisional Pension ତା ୦୧.୦୧.୨୦୧୫ ଠାରୁ ପ୍ରଦାନ କରାଯିବା ନିମନ୍ତେ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଗଲା । କର୍ମଚାରୀ ମାନଙ୍କର ତା ୦୧.୦୧.୨୦୦୬ ଠାରୁ ତା ୩୧.୧୨.୨୦୧୪ ପର୍ଯ୍ୟନ୍ତ ବକେୟା ଦେୟକୁ ରାଜ୍ୟ ସରକାରଙ୍କ ଠାରୁ ଆବଶ୍ୟକ ପାଣ୍ଠି ପ୍ରାପ୍ତ ହେବା ପରେ, ପ୍ରଦାନ କରାଯିବା ନିମନ୍ତେ ମଧ ଅନୁମୋଦନ କରାଗଲା । ରାଜ୍ୟ ସରକାରଙ୍କ ଠାରୁ ଏ ଦିଗରେ ଆବଶ୍ୟକ ପାଣ୍ଠି ପ୍ରାପ୍ତ ନହେବା ପର୍ଯ୍ୟନ୍ତ, ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀ / ଫାମେଲୀ ପେନସନ ହୋଲଡ଼ର ମାନେ ସେମାନଙ୍କର ବକେୟା ଦେୟ ପ୍ରଦାନ ନିମନ୍ତେ Claim ନକରିବାକୁ ଏକ ଲିଖିତ Undertaking ପ୍ରଦାନ ନିମନ୍ତେ ଆଗତ ପ୍ରସ୍ତାବକୁ ମଧ ଅନୁମୋଦନ କରାଗଲା ।

୪. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ ପ୍ରସ୍ତାବକୁ ଅନୁଧାନ କରାଯାଇ, ନିଗମର ବିଭିନ୍ନ ଅଂଚଳର ବୈଦ୍ୟୁତିକ ଆଲୋକ ବ୍ୟବସ୍ଥାର ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ, ୩ ମାସ ନିମନ୍ତେ ଆବଶ୍ୟକ ଥିବା Electrical Spare Parts ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆକଳନ କରାଯାଇ, ଜରୁରୀକାଳୀନ ପରିସ୍ଥିତିରେ ଅଗ୍ରାଧିକାର ଭିତିରେ ସଂଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୫. ଚଳିତ କାଉନସିଲର ୩ୟ ବୈଠକ ତା ୩୦.୦୫.୨୦୧୪ ଠାରୁ ୯ମ ବୈଠକ ତା ୩୧.୦୧.୨୦୧୫ ପର୍ଯ୍ୟନ୍ତ କର୍ପୋରେଟର ୱାର୍ଡ଼ ନଂ-୧ ଶ୍ରୀଯୁକ୍ତ ଚିତ ରଞ୍ଜନ ଦାସ କ୍ରମାଗତ ଭାବେ କୌଣସି କାଉନସିଲ ବୈଠକରେ ଯୋଗଦାନ କରିନଥିବାରୁ, ଗୃହରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । OMC Act, 2003 ର ଧାରା 53 ଏବଂ 71(C) ଅନୁଯାୟୀ ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ସୁପାରିଶ କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୬. ନିଗମ ସର୍ଭେ ବିଭାଗ ଦ୍ୱାରା ନିଗମ ଅଧିନରେ ଥିବା ଭଗତ ହଷ୍ଟେଲର ଷ୍ଟାଟସ ରିପୋର୍ଟ ପ୍ରସ୍ତୁତ କରାଯାଇ, ଏହି ହଷ୍ଟେଲକୁ ଜବରଦଖଲ ମୁକ୍ତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୭. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଆରମ୍ଭ କରୁନଥିବା ଠିକାଦାର ମାନଙ୍କୁ କୈଫତ ତଲବ ସହ ଯନ୍ତ୍ରୀ ବିଭାଗ ଦ୍ୱାରା ସେମାନଙ୍କୁ କଳା ତାଲିକା ଭୂକ୍ତ କରାଯିବା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା

୮. ମଶାବଂଶର ବିଲୋପ ନିମନ୍ତେ ସମସ୍ତଙ୍କ ମିଳିତ ସହଯୋଗରେ ପ୍ରତ୍ୟେକ ୱାର୍ଡ଼ର ପ୍ରମୁଖ ଅଂଚଳ ଗୁଡ଼ିକରେ ନିଗମର ସ୍ୱାସ୍ଥ୍ୟ ବିଭାଗ ତଥା ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ମିଳିତ ଉଦ୍ୟମରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୯. The Voice of Love ନାମକ ସଂସ୍ଥାଙ୍କ ଦ୍ୱାରା କନିକାଛକ ସ୍ଥିତ ଅକ୍ଷୟମହାନ୍ତି ପାର୍କ ମଧ୍ୟରେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇ, ସେଠାରେ ଉକ୍ତ ସଂସ୍ଥାଙ୍କ ଦ୍ୱାରା ସ୍ୱର୍ଗତ ଅକ୍ଷୟ କୁମାର ମହାନ୍ତିଙ୍କ ଏକ ପ୍ରତିମୂର୍ତି ସ୍ଥାପନ ନିମନ୍ତେ ଅନୁମତି ପ୍ରଦାନ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା

୧୦. ୱାର୍ଡ଼ ନଂ-୧୦ ର କେନ୍ଦୁଝର କଲୋନିସ୍ଥିତ ୨୦୦ ମିଟର ରାସ୍ତାର ନିର୍ମାଣ କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧାନ କରାଯାଇ, Departmentally କରାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୧୧. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ ପ୍ରସ୍ତାବକୁ ଅନୁଧାନ କରାଯାଇ ନିଗମର ବୈଦ୍ୟୁତିକ ବିଭାଗରେ କାର୍ଯ୍ୟରତ ବୈଦ୍ୟୁତିକ ମିସ୍ତ୍ରୀ, NMR ଶ୍ରୀ ବାଉରୀବନ୍ଧୁ ସିଂଙ୍କ ଦୂର୍ଘଟଣା ଜନିତ ଡ଼ାକ୍ତରୀ ଚିକିତ୍ସା ନିମନ୍ତେ ଟ. ୩୦,୦୦୦/- ଆର୍ଥିକ ସହାୟତା ମଞ୍ଜୁର କରାଯିବା ନିମନ୍ତେ ଅନୁମୋଦନ କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

**ସ୍ୱା-ଅନିତା ବେହେରା**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ. ୭୩୯ .ତା ୨୦.୦୨.୨୦୧୫

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୭୪୦ .ତା ୨୦.୦୨.୨୦୧୫

ଏହାର ଏକ କିତା ନକଲ କଟକ ମହାନଗର ନିଗମର ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୭୪୧ .ତା ୨୦.୦୨.୨୦୧୫

ଏହାର ଏକ କିତା ନକଲ କମିଶନର / ଡ଼େପୁଟି କମିଶନର / ନଗର ଯନ୍ତ୍ରୀ / ନିର୍ବାହୀ ଯନ୍ତ୍ରୀ (୧ ଓ ୨) / ବିତ ଅଧିକାରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ /ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ

ଉପ ସଚିବ

କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୭୪୨ .ତା ୨୦.୦୨.୨୦୧୫

ଏହାର ଏକ କିତା ନକଲ ଡ଼େପୁଟି ମେୟର / ମେୟରଙ୍କ ସହାୟକ ଏବଂ ନିଗମର ସମସ୍ତ ବିଭାଗୀୟ ମୁଖ୍ୟ ସହାୟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ

ଉପ ସଚିବ

କଟକ ମହାନଗର ନିଗମ, କଟକ